21. ପରିପକ୍ୱ ଡିମ୍ବାଣୁରେ ଗୁଣସୂତ୍ରମାନ କିପରି ରହିଥାନ୍ତି ?

(A) 23ଟି ଅଟୋଜୋମ୍ + ଗୋଟିଏ X ଗୁଣସୂତ୍ର

(B) 23ଟି ଅଟୋଜୋମ୍ + ଗୋଟିଏ Y ଗୁଣସୂତ୍ର

(C) 22ଟି ଅଟୋଜୋମ୍ + ଗୋଟିଏ Y ଗୁଣସୂତ୍ର

(D) 22ଟି ଅଟୋଜୋମ୍ + ଗୋଟିଏ X ଗୁଣସୂତ୍ର

22. କେଉଁ ସମ୍ପର୍କଟି ଠିକ୍ ଅଟେ ?

(A) ମେଣ୍ଡେଲ୍‌ଙ୍କ ଦ୍ୱି-ସଙ୍କରଣ ଅନୁପାତ 3 : 1

(B) ମେଣ୍ଡେଲ୍‌ଙ୍କ ଏକ ସଙ୍କରଣ ଅନୁପାତ 9 : 3 : 3 : 1

(C) ପୁରୁଷଠାରେ ଲିଙ୍ଗ ଗୁଣସୂତ୍ର – XX

(D) ସ୍ତ୍ରୀଠାରେ ଲିଙ୍ଗ ଗୁଣସୂତ୍ର – XX

23. ଜୀବ ପିତାମାତାଙ୍କଠାରୁ ଜନ୍ମସୂତ୍ରରେ କ'ଣ ପାଇଥାଏ ?

(A) ରକ୍ତ (B) ଅସ୍ଥି (C) ମାଂସ (D) ଜିନ୍

24. କେଉଁ ପ୍ରାଣୀମାନଙ୍କଠାରେ ଆପେଣ୍ଡିକ୍ସ ଅଛି ଏବଂ ଏହା କାର୍ଯ୍ୟକ୍ଷମ ଅଟେ ?

(A) ତୃଣଭୋଜୀ (B) ମଣିଷ (C) ବାଘ (D) ସିଂହ

25. କେଉଁ ଗୁଣଟି ପ୍ରଭାବୀ ନୁହେଁ ?

(A) ଗୋଲ (B) ଶାଗୁଆ (C) ଧଳା (D) ସ୍ଫୀତ

26. ମଂଜିର କେଉଁ ରଙ୍ଗ ପ୍ରଭାବୀ ?

(A) ଶାଗୁଆ (B) ଧଳା

(C) ଧୂସର (D) ହଳଦିଆ

27. ଏକ ସଂକରଣ ପରୀକ୍ଷଣରେ କେଉଁ ପିଢିରେ ପ୍ରଭାବୀ ଗୁଣ ଅଧିକ ବିକଶିତ ହୋଇଥାଏ ?

(A) $F_1$ (B) $F_2$ (C) $F_3$ (D) $F_4$

28. ଦ୍ୱିସଂକରଣ ପରୀକ୍ଷଣରେ କେଉଁ ଗୁଣ ବିଶିଷ୍ଟ ମଂଜି ଅଧିକ ସୃଷ୍ଟି ହୋଇଥିଲା ?

(A) ଗୋଲ ଓ ଶାଗୁଆ (B) ଖଦଡା ଓ ହଳଦିଆ

(C) ଖଦଡା ଓ ଶାଗୁଆ (D) ଗୋଲ ଓ ହଳଦିଆ

29. ଜିନ୍ କାହାର ଅଂଶ ବିଶେଷ ଅଟେ ?

(A) ନ୍ୟଷ୍ଟି (B) RNA (C) ଗୁଣସୂତ୍ର (D) DNA

30. ଜିନ୍‌ର ନାମକରଣ କିଏ କରିଥିଲେ ?

(A) ମେଣ୍ଡେଲ (B) ଜୋହାନ୍‌ସନ୍

(C) ଲାମାର୍କ (D) ହାଲଡେନ୍